## ରଣପୁର ମହୋତ୍ସବ



ତା୫।୧୦।୦୬ରିଖରୁ ତା୭।୧୦।୦୬ରିଖ ରଣପୁର ମହୋତ୍ସବରେ ପଶୁ ପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶାଳୟ ତରଫରୁ ଆୟୋଜିତ ଏକ ପ୍ରଦର୍ଶନୀରେ ନୟାଗଡ଼ର ମୁଖ୍ୟ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ଡାଃ ବିପ୍ଳବ କୁମାର ପ୍ରଧାନ ଏବଂ ପଶୁ ଚିକିତ୍ସକ ଡାଃ ହାଡ଼ିବନ୍ଧୁ ରଣସିଂ ଉପସ୍ଥିତ।

## ଜଗତସିଂହପୁରରେ ୫୪ତମ ଗୋ-ସମ୍ବର୍ଦ୍ଧନା ଉତ୍ସବ ପାଳିତ





୫୪ତମ ଜିଲ୍ଲାସ୍ତରୀୟ ଗୋସମ୍ବର୍ଦ୍ଧନା ଉତ୍ସବ ତା୯।୧୧।୨୦୦୫ରିଖ ଦିନ ଶ୍ରୀମତୀ ସବିତା ମହାପାତ୍ର, ଜଗତସିଂହପୁର ଜିଲ୍ଲାପରିଷଦ ଚେୟାରପରସନଙ୍କ ସଭାପତିତ୍ୱରେ କୁଜଙ୍ଗ ବ୍ଲକର ମଙ୍ଗରାଜପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋବତ୍ସ ପ୍ରଦର୍ଶନୀ ସହିତ ଗୋ-ଚିକିତ୍ସା ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୪୩ଟି ଗୋରୁଗାଈଙ୍କୁ ଚିକିତ୍ସା କରାଯାଇ ଉନ୍ନତମାନର ଗାଈ ଓ ବତ୍ସମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ଗାଈ-ଗୋରୁମାନଙ୍କୁ ଖାଦ୍ୟପେୟର ବନ୍ଦୋବସ୍ତ ମଧ୍ୟ କରାଯାଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ମିନତୀ ବେହେରା ମଧ୍ୟ ଯୋଗ ଦେଇଥିଲେ ଏବଂ ଏହାକୁ ପରିଚାଳନା କରିଥିଲେ ଜିଲ୍ଲାର ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ, ଡାକ୍ତର ଗୋଲକ ବିହାରୀ ନାୟକ ଓ ସହଯୋଗିତା କରିଥିଲେ ଜିଲ୍ଲାର ବରିଷ୍ଠ ପଶୁ ଚିକିତ୍ସକ, ପଶୁଧନ ନିରୀକ୍ଷକ ଓ ପଶୁ ସହାୟକ ବୃନ୍ଦ।

## ପ୍ରତ୍ୟେକ ପଞ୍ଚାୟତରେ ଅନ୍ୟୂନ ଜଣେ ଲେଖାଏଁ 'ଗୋମିତ୍ର' ତାଲିମପ୍ରାପ୍ତ ଯୁବକ ରହିବେ

ସୁନ୍ଦରଗଡ଼, ତା୭।୩।, ଏଣିକି ପ୍ରତ୍ୟେକ ପଞ୍ଚାୟତରେ ଅନ୍ୟୂନ ଜଣେ 'ଗୋମିତ୍ର' ତାଲିମପ୍ରାପ୍ତ ଯୁବକ ରହିବେ। ସୁନ୍ଦରଗଡ଼ ଜିଲ୍ଲା ପଶୁ ସଂପଦ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ବିକାଶ ଭବନଠାରେ ଅନୁଷ୍ଠିତ ଏକ ଦିନିକିଆ କର୍ମଶାଳାରେ ବିଭାଗୀୟ ଅଧିକାରୀମାନେ ଏ ବିଷୟରେ ସୂଚନା ଦେଇଛନ୍ତି।

'ଜାତୀୟ ଗୋ ମହିଷାଦି କୃତ୍ରିମ ପ୍ରଜନନ ପ୍ରକଳ୍ପ' ଶୀର୍ଷକ ଏହି କର୍ମଶାଳାକୁ ଜିଲ୍ଲା ପରିଷଦର ଅଧ୍ୟକ୍ଷ ରଣଜିତ କିଷାନ ଉଦ୍‌ଘାଟନ କରି କହିଲେ ଯେ ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲ୍ଲାରେ ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରରେ ଗୋରୁଗାଈ, ଛେଳି, ମେଣ୍ଢା, ମଇଁଷି, କୁକୁଡ଼ା ଇତ୍ୟାଦି ପାଳନ କରାଯାଉଥିବାରୁ ପଶୁପକ୍ଷୀ ଜନିତ ବିଭିନ୍ନ ରୋଗ ଚିକିତ୍ସା ବ୍ୟବସ୍ଥା ଏବଂ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ତଥା ପଶୁ ଚିକିତ୍ସା ସଂପର୍କରେ ଗ୍ରାମାଞ୍ଚଳର ଲୋକମାନେ ଅବଗତ ନୁହନ୍ତି। ଫଳରେ ଅନେକ ପଶୁ ଅକାଳରେ ମୃତ୍ୟୁ ମୁଖରେ ପଡୁଛନ୍ତି। ତେଣୁ ଯେପରି ମଣିଷ ରୋଗଗ୍ରସ୍ତ ହେଲେ ଏମାନଙ୍କ ପାଇଁ କ୍ଲିନିକ୍, ଡାକ୍ତରଖାନା, ନର୍ସିହୋମ୍ ରହିଛି ସେହିଭଳି ପଶୁ ସଂପଦର ଚିକିତ୍ସା ନିମନ୍ତେ ସୁବିଧା ରହିବା ଅତ୍ୟନ୍ତ ଜରୁରୀ ବୋଲି ସେ କହିଥିଲେ।

ପଶୁ ସଂପଦ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ସତ୍ୟନାରାୟଣ ପଟ୍ଟନାୟକ ଜାତୀୟ ଗୋ-ମହିଷାଦି ପ୍ରଜନନ ପ୍ରକଳ୍ପର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରି କହିଲେ ଯେ, ସାଧାରଣ ଦେଶୀ ଗାଈ ଦୈନିକ ଅଧ ଲିଟରରୁ ଏକ ଲିଟର କ୍ଷୀର ଦେଉଥିବା ବେଳେ କୃତ୍ରିମ ପ୍ରଜନନ ପ୍ରକ୍ରିୟାରେ ଜନ୍ମ ନେଇଥିବା ସଙ୍କର ଜାତୀୟ ଗାଈ ଦୈନିକ ୩ ରୁ ୫ ଲିଟର ପର୍ଯ୍ୟନ୍ତ କ୍ଷୀର ଦେଇଥାଏ। ତେଣୁ ଆଜିକାଲି ଶିକ୍ଷିତ ବେକାର ଯୁବକ-ଯୁବତୀମାନଙ୍କୁ କୃତ୍ରିମ ପ୍ରଜନନ ସଂପର୍କରେ ତାଲିମ ଦେଇ ଆତ୍ମନିର୍ଭରଶୀଳ କରିବା ସକାଶେ ସରକାର ଯୋଜନା କରିଛନ୍ତି। ଇତି ମଧ୍ୟରେ ରାଜ୍ୟରେ ୪୮୦ ଶିକ୍ଷିତ ବେକାର ଯୁବକ-ଯୁବତୀମାନଙ୍କୁ ତାଲିମ ଦିଆଯାଇ ଆବଶ୍ୟକୀୟ ଯନ୍ତ୍ରପାତି ଓ ସାମଗ୍ରୀ ଯୋଗାଇ ଦିଆଯାଇଛି ଓ ପ୍ରତ୍ୟେକ ପିଛା ୪୦ ହଜାର ଟଙ୍କା ବ୍ୟୟ କରାଯାଇଛି। ଏହିପରି ଭାବେ ଆସନ୍ତା ବର୍ଷ ୧୦୦ ଜଣ ଶିକ୍ଷିତ ବେକାରଙ୍କୁ 'ଗୋମିତ୍ର' ତାଲିମ ଦିଆଯିବ ଏବଂ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଜଣେ ଲେଖାଏଁ 'ଗୋମିତ୍ର' ତାଲିମପ୍ରାପ୍ତ ଯୁବକ ରହିବେ ବୋଲି ସେ ସୂଚନା ଦେଇଥିଲେ। ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ନିମନି କୁଜୁର ଆଗାମୀ ଦିନରେ ପଶୁ ସଂପଦର ଉନ୍ନତି କଳ୍ପେ ସବୁ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସାଧିକାରୀ ଡାଃ. ଇନ୍ଦୁଭୂଷଣ ମିଶ୍ର ସମସ୍ତଙ୍କୁ ସ୍ୱାଗତ କରି ପଶୁ ସଂପଦର ବିକାଶ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ। ସୁନ୍ଦରଗଡ଼ ସଦର ବିଧାୟିକା ସୁଷମା ପଟେଲ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଜଗନ୍ନାଥ ବେହେରା, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଇନ୍ଦ୍ରଜିତ୍ ପ୍ରଧାନଙ୍କ ସମେତ ଜିଲ୍ଲା ପରିଷଦ ସଦସ୍ୟ-ସଦସ୍ୟା, ପଞ୍ଚାୟତ ସମିତି ଅଧ୍ୟକ୍ଷ-ଅଧ୍ୟକ୍ଷା, ବିଭିନ୍ନ ବ୍ଲକର ବିଡିଓ, ଅଧିକାରୀମାନେ ଏହି କର୍ମଶାଳାରେ ଯୋଗ ଦେଇଥିଲେ। (ତା୮।୩।୦୬ରିଖ ସମାଜ)



## ଆଞ୍ଚଳିକ ପଶୁରୋଗ ଗବେଷଣା ପ୍ରତିଷ୍ଠାନରେ ନମୁନା ସର୍ବେକ୍ଷଣ କର୍ମଶାଳା

ତା୨୭।୨।୦୬ରିଖ ଦିନ ପଶୁ ପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶାଳୟର ପରିସଂଖ୍ୟାନ ଉପବିଭାଗ ତରଫରୁ ସ୍ଥାନୀୟ ଆଞ୍ଚଳିକ ପଶୁ ରୋଗ ଗବେଷଣା ପ୍ରତିଷ୍ଠାନ ଠାରେ ଏକ ୩ ଦିନିଆ କର୍ମଶାଳାରେ ପଶୁପାଳନ ଓ ପଶୁ ଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିଜୟ କୁମାର ଧଳ ସଭାପତିତ୍ୱ କରିଥିଲେ। କେନ୍ଦ୍ର ସରକାରଙ୍କର କୃଷି



ଏବଂ ଡାଏରୀ ପରିସଂଖ୍ୟାନ ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିଷ୍ଣୁକାନ୍ତ ଶ୍ରୀବାସ୍ତବ ପ୍ରଦୀପ ଜାଳି ଉକ୍ତ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଏହି କର୍ମଶାଳାରେ କେନ୍ଦ୍ର ସରକାରଙ୍କ କୃଷି ଓ ଡାଏରୀ ମନ୍ତ୍ରଣାଳୟର ଉପନିର୍ଦ୍ଦେଶକ ଶ୍ରୀଯୁକ୍ତ ଚନ୍ଦ୍ରମଣି ଶର୍ମା, ଓଡ଼ିଶା କୃଷି ଗଣନାରେ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ବିଭୂତି ଭୂଷଣ ମିଶ୍ର, ପଶୁପାଳନ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡାଃ. ସତ୍ୟନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗଦାନ କରିଥିଲେ ଏବଂ ପରିସଂଖ୍ୟାନ-ବିତ୍ ଶ୍ରୀ ମହେଶ୍ୱର ମହାନ୍ତି ଏବଂ ପ୍ରଦୋଷ କୁମାର ଦାସ ପ୍ରମୁଖ ନମୁନା ସର୍ବେକ୍ଷଣ ଉପରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ରାଜ୍ୟରେ କିପରି ଦୁଗ୍ଧ, ଅଣ୍ଡା ଓ ମାଂସ ଉତ୍ପାଦନର ସଠିକ ହିସାବ ହୋଇପାରିବ ସେ ବିଷୟ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା। ସେଥିପାଇଁ ବିଭାଗର ସମସ୍ତ କର୍ମକର୍ତ୍ତାମାନଙ୍କୁ ଆବଶ୍ୟକୀୟ ପରାମର୍ଶ ଯୋଗାଇ ଦିଆଯାଇଛି। ଏହି କର୍ମଶାଳାରେ ରାଜ୍ୟର ୩୦ ଗୋଟି ଜିଲ୍ଲାର ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ, ପରିସଂଖ୍ୟାନ ଗଣନାକାରୀ ଓ ଉଚ୍ଚପଦସ୍ଥ କର୍ମଚାରୀମାନେ ଯୋଗଦେଇଥିଲେ।

**ଆଦର୍ଶ ଗୋପାଳନ ପାଇଁ ସୁଷମ ଖାଦ୍ୟ ପ୍ରଜନନ ପଦ୍ଧତି, ଉତ୍ତମ ପରିଚାଳନା ଓ ଉପଯୁକ୍ତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।**